ତା ୨୨.୧୦.୨୨ ରିଖ ପୂର୍ବାହ୍ନ ଘ.୧୧.୩୦ ମିନିଟ ସମୟରେ ସଚିବାଳୟର ତୃତୀୟ ମହଲା ସଭାଗୃହରେ ଅନୁଷ୍ଠିତ ହୋଇଥିବା ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକର ବିବରଣୀ ।

...........

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଦିବାସୀ ଉପଦେଷ୍ଟା ପରିଷଦର ବୈଠକ । ତା ୧୨.୧୦.୨୫ ରିଖ ପୂର୍ବାହ୍ନ ଘ.୧୧.୩୦ ମିନିଟ ସମୟରେ ଅନୁଷ୍ଠିତ ହୋଇଥିଲା । ମାନ୍ୟବର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀଙ୍କର ସ୍ୱାଗତଂ ଅଭିଭାଷଣ ଦ୍ୱାରେ ବୈଠକର କାର୍ଯ୍ୟ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆରମ୍ଭ କରାଯାଇଥିଲା । ଉକ୍ତ ବୈଠକରେ ଯୋଗ ଦେଇଥିବା ସଦସ୍ୟ ତଥା ଆମନ୍ତ୍ରୀତ ଅଧିକାରୀମାନଂକ ତାଲିକା ପରିଶିଷ୍ଟ **'କ'** ରେ ଅବସ୍ଥାପିତ କରାଗଲା । ଆଲୋଚନାର ବିଷଦ୍ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

କାର୍ଯ୍ୟସୂଚୀ ।— ତା ୨୧.୧୨.୨୪ ରିଖରେ ହୋଇଥିବା ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକ ବିବରଣୀର ଦୃଢୀକରଣ ।

---

ତା ୨୧.୧୨.୨୪ ରିଖରେ ହୋଇଥିବା ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକ ବିବରଣୀର ଦୃଢୀକରଣ କରାଗଲା ।

କାର୍ଯ୍ୟସୂଚୀ 2 — ଗତ ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକର ବିବରଣୀ ଉପରେ ଗ୍ରହଣ କରା ଯାଇଥିବା କାର୍ଯ୍ୟାନୁଷ୍ଠାନ ।

---

ଗତ ଆଦିବାସୀ ଉପଦେଷ୍ଟା ପରିଷଦ ବୈଠକର ବିବରଣୀ ଉପରେ ଗ୍ରହଣ କରା ଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରା ଯାଇଥିଲା ।

କାର୍ଯ୍ୟସୂଚୀ 3(କ)— ତୃତୀୟ ଓ 4ର୍ଥ ଶ୍ରେଣୀ ସରକାରୀ ଚାକିରୀ କ୍ଷେତ୍ରରେ ଆଦିବାସୀ ପ୍ରାର୍ଥୀ ନମିଳିଲେ ସେ ସ୍ଥାନ ଗୁଡିକୁ de-reserve ନ କରି ତୁରନ୍ତ ପୂରଣ କରିବା ପାଇଁ ସ୍ୱତନ୍ତ୍ର ନିଯୁକ୍ତି ବ୍ୟବସ୍ଥା ଏବଂ ଏହି ପଦବୀ ଗୁଡିକ ସେହି ଅଂଚଳର ସ୍ଥାନୀୟ ଆଦିବାସୀ ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାଯିବ । ଖାଲି ପଡିଥିବା ଏହି ପଦବୀ ଗୁଡିକ ଶୀଘ୍ର ପୂରଣ କରିବା ନିମନ୍ତେ ବ୍ୟବସ୍ଥା ।

---

ପ୍ରଚଳିତ ନିୟମ ଅନୁଯାୟୀ ତୃତୀୟ ଓ 4ର୍ଥ ଶ୍ରେଣୀ ଚାକିରି କ୍ଷେତ୍ରରେ ତଫସିଲଭୁକ୍ତ ଉପଜାତି ପ୍ରାର୍ଥୀଙ୍କ ନିମିତ୍ତ ସଂରକ୍ଷିତ ସ୍ଥାନ ପାଇଁ ପ୍ରାର୍ଥୀ ଅଭାବରେ ମଧ୍ୟ ଉଦ୍ଦିଷ୍ଟ ପଦବୀ ଗୁଡିକ de-reserve କରାଯାଇ ପାରିବ ନାହିଁ । ଖାଲି ହୋଇଥିବା ପଦବୀ ସବୁ ସଂପୃକ୍ତ ଜିଲ୍ଲାର ପ୍ରାର୍ଥୀମାନଂକ ଦ୍ୱାରା ପୂରଣ କରାଯାଉଅଛି । ସମସ୍ତ ଶୂନ୍ୟସ୍ଥାନ ଗୁଡିକୁ ଯଥାଶୀଘ୍ର ପୂରଣ କରିବା ନିମିତ୍ତ ବିହିତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

(ଖ) ORV Act ର ନିୟମର କଡାକଡି ପାଳନ ଏବଂ ଏହି ନିୟମଭଂଗ କରୁଥିବା ଅଧିକାରୀଙ୍କୁ ଉଚିତ ଦଣ୍ଡ ଦେବାପାଇଁ ବିହିତ ବ୍ୟବସ୍ଥା ।

---

ORV Act ନିୟମ ଭଂଗ କରୁଥିବା ଅଧିକାରୀମାନଂକୁ ବିହିତ ଦଣ୍ଡ ବିଧାନ ନିମିତ୍ତ ସଂପୃକ୍ତ ନିୟମରେ ବ୍ୟବସ୍ଥା ଅଛି, ତେବେ ଏହାକୁ କିପରି କଡାକଡି ଭାବେ ଲାଗୁ କରାଯିବ ପରିକ୍ଷା କରାଯିବ । ଦୃଷ୍ଟିକୁ ଆସିଲେ ନିୟମ ଭଂଗ କରୁଥିବା ଅଧିକାରୀମାନଂକୁ ଦଣ୍ଡ ବିଧାନ କରାଯିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ।

(ଗ) ଆଦିବାସୀ ମାନଂକୁ ତାଂକର ଜାତି ସମ୍ବନ୍ଧୀୟ ପ୍ରମାଣ ପତ୍ର ଯୋଗାଇ ଦେବାକୁ ସମସ୍ତ ଜିଲ୍ଲାପାଳମାନଂକୁ ନିର୍ଦ୍ଦେଶ .. ନାମା ।

---

...../—

ଜାତି ସମ୍ବନ୍ଧୀୟ ପ୍ରମାଣ ପତ୍ର ଦିଆଯିବା ପୂର୍ବରୁ ସମୁଚିତ ତଦନ୍ତ କରାଯାଇ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ । ପ୍ରଚଳିତ ବ୍ୟବସ୍ଥାର ସରଳୀକରଣ ଉପାୟ ସ୍ଥିର କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

(ଘ) C.T. ଟ୍ରେନିଂ ନ ଥାଇ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ଥିବା ଆଦିବାସୀ ପିଲାଙ୍କୁ ପ୍ରାଥମିକ ଶିକ୍ଷକ ଭାବେ ରାଜ୍ୟର ସବୁ ଜିଲ୍ଲାରେ ନିଯୁକ୍ତି ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଂକ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ ମାନଂକରେ ସେହି ଜିଲ୍ଲାରେ ଶିକ୍ଷିତ ବେକାର ଯୁବକଙ୍କୁ ନିଯୁକ୍ତି ।

---

ଆଦିବାସୀ ବହୁଳ ଜିଲ୍ଲାମାନଂକରେ ତାଲିମପ୍ରାପ୍ତ ମାଟ୍ରିକ ଆଦିବାସୀ ଯୁବକ ଯୁବତୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରାଥମିକ ଶିକ୍ଷକ ରୂପେ ନିଯୁକ୍ତି ଦିଆଯିବାକୁ ନିଷ୍ପତ୍ତି ନିଆଯିବା ସଂଗେ ସଂଗେ ତାଲିମପ୍ରାପ୍ତ ମାଟ୍ରିକ ପିଲା ନମିଳିଲେ ଅଣ ତାଲିମପ୍ରାପ୍ତ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ଥିବା ପିଲାମାନଂକୁ ପ୍ରାଥମିକ ଶିକ୍ଷକ ପଦରେ ନିଯୁକ୍ତି ଦିଆଯାଇ ପରେ ସେମାନଂକୁ ତାଲିମ ଦେବାର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ସ୍କୁଲ ମାନଂକରେ ଶିକ୍ଷକ ମାନଂକର ଅନୁପସ୍ଥିତି ସମ୍ବନ୍ଧରେ ତଦନ୍ତ କରି ରିପୋର୍ଟ ଦେବା ନିମିତ୍ତ ରାଯ୍ୟଗତ। ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବାପାଇଁ ମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିଲେ ।

(ଙ) ବିଭିନ୍ନ ବିଭାଗରେ ଖାଲିପଡିଥିବା ତତୀୟ ଓ 4ର୍ଥ ଶ୍ରେଣୀ ପଦବୀ ଗୁଡିକ ଅତିଶୀଘ୍ର ପୂରଣ କରାଯିବା ପାଇଁ ବ୍ୟବସ୍ଥା ।

---

ବିଭିନ୍ନ ବିଭାଗରେ ଖାଲିପଡିଥିବା ତତୀୟ ଓ 4ର୍ଥ ଶ୍ରେଣୀ ପଦବୀ ଗୁଡିକ ଶୀଘ୍ର ପୂରଣ କରାଯିବା ନିମିତ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

(ଚ) + 2 ଓ + 3 ବେସରକାରୀ କଲେଜ ଗୁଡିକ ସ୍ୱୀକୃତି ଦେବାବେଳେ ସଂପୃକ୍ତ ଅନୁଷ୍ଠାନ ଗୁଡିକର ନିଯୁକ୍ତି କ୍ଷେତ୍ରରେ reservation ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଏବଂ + 2 ଓ + 3 ବିଜ୍ଞାନ କଲେଜରେ Biology ବିଷୟରେ ଆଦିବାସୀ ଛାତ୍ରଛାତ୍ରୀ ମାନଂକ ପାଇଁ ସ୍ଥାନ ସଂରକ୍ଷଣ କରିବାକୁ ନିୟମ ପ୍ରଚଳନ ।

---

ସ୍ୱୀକୃତି ପ୍ରଦାନ ସମୟରେ ବେସରକାରୀ ଶିକ୍ଷାନୁଷ୍ଠାନ ମାନଂକରେ ସଂରକ୍ଷଣ ନିୟମ ଲାଗୁ କରାଯିବା ପାଇଁ ନିର୍ଦ୍ଦେଶ ଦେବା ସମ୍ଭବ ନୁହେଁ । ସଂରକ୍ଷଣ ନିୟମ ଅନୁଦାନ ପ୍ରଦାନ ପରବର୍ତ୍ତୀ ସମସ୍ତ ନିଯୁକ୍ତି ପାଇଁ ଲାଗୁ କରାଯାଉଅଛି ।

+ 2ଓ + 3 ବିଜ୍ଞାନ ଶ୍ରେଣୀ ମାନଂକରେ ଜୀବ ବିଜ୍ଞାନ ବିଷୟରେ ଆଦିବାସୀ ଛାତ୍ର ଛାତ୍ରୀମାନଂକ ପାଇଁ ସ୍ଥାନ ସଂରକ୍ଷଣ କରାଯିବା ନିମିତ୍ତ ଅନୁସୂଚିତ ଜାତି ଉପଦେଷ୍ଟା କମିଟିରେ ଅନୁସୂଚିତ ଜାତିର ଛାତ୍ର ଛାତ୍ରୀ ମାନଂକ ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଅଛି ସେହି ନିଷ୍ପତ୍ତି ଆଦିବାସୀ ଛାତ୍ର ଛାତ୍ରୀ ମାନଂକ ପାଇଁ ଲାଗୁ କରିବାକୁ ସ୍ଥିର କରାଗଲା ଅର୍ଥାତ ଆଦିବାସୀ ଛାତ୍ର ଛାତ୍ରୀ ମାନଂକ ପାଇଁ + 2 ଓ + 3 ବିଜ୍ଞାନ ଶ୍ରେଣୀ ମାନଂକରେ ଜୀବ ବିଜ୍ଞାନ ବିଷୟରେ ସ୍ଥାନ ସଂରକ୍ଷଣ କରାଯିବ ।

....../-

(ଛ) ଆଦିବାସୀ ମାନଂକର ଶିକ୍ଷାର ପ୍ରଗତି ପାଇଁ ଆଦିବାସୀ ଉପଯୋଜନା ଅଂଚଳରେ ଥିବା ପ୍ରତ୍ୟେକ ପଂଚାୟତରେ ଅତିରିକ୍ତ ଆବାସିକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ଏବଂ ନୂତନ କନ୍ୟାଶ୍ରମ ଆଶ୍ରମ ସ୍କୁଲ ସ୍ଥାପନ କରାଯିବା ପାଇଁ ବ୍ୟବସ୍ଥା ତଥା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ମାନଂକର ଛାତ୍ର ବୃତ୍ତି ବୃଦ୍ଧି କରିବା ।

- - - - - - - - - - - - - - - - - - - - - - - - -

ନିର୍ବାଚନ ଇସ୍ତାହାର ପ୍ରତିଶ୍ରୁତି ଅନୁଯାୟୀ ଆଦିବାସୀ ଉପଯୋଜନା ଅଂଚଳ ଅନ୍ତର୍ଭୁକ୍ତ ପ୍ରତ୍ୟେକ ଗ୍ରାମ ପଂଚାୟତରେ ଆବାସିକ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟ ବିହୀନ ବ୍ଲକ ମାନଂକରେ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି ଏବଂ ଏହା ସମ୍ବଳକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

(ଜ) କଲ୍ୟାଣ ବିଭାଗର ନାମ ବଦଳାଇ ଆଦିବାସୀ କଲ୍ୟାଣ ବିଭାଗ ବା ଆଦିବାସୀ ମଂଗଳ ବିଭାଗ ରୂପେ ପୁନର୍ଘୋଷଣା କରାଯିବା ଏବଂ single line Dem ~~ଏବଂ~~ and single line Administration ଆଦିବାସୀ ଉପଯୋଜନା ଅଂଚଳରେ କାର୍ଯ୍ୟକାରୀ କରିବା ।

- - - - - - - - - - - - - - - - - - - - - - - - -

କେନ୍ଦ୍ର ସରକାରଂକ ଢାଂଚାରେ କଲ୍ୟାଣ ବିଭାଗ ନାମକରଣ କରାଯାଇଥିବାରୁ ବିଭାଗର ନାମ ପରିବର୍ତ୍ତନର ଆବଶ୍ୟକତା ନାହିଁ । ତେବେ ବିଭାଗର ନାମ କଲ୍ୟାଣ (ଅନୁସୂଚିତ ଜାତି/ଅନୁସୂଚିତ ଉପଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ) ବିଭାଗ'' ରଖାଯାଇପାରେ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ପଂଚାୟତିରାଜ ନିୟମାବଳୀକୁ ଦୃଷ୍ଟିରେ ରଖି Single line Administration ସଂପର୍କରେ ଜିଲ୍ଲା ପରିଷଦ ନିର୍ବାଚନ ପରେ ବିଷଦ ପର୍ଯ୍ୟାଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

(ଝ) SCSTRTI ର Senior Officer ଙ୍କ ମଧ୍ୟରୁ ଅନ୍ତତ ଦୁଇଜଣଂକୁ ITDA,P.A. ରୂପେ ପଦୋନ୍ନତି ନିଯୁକ୍ତି ଯେପରିକି D.W.O. ମାନଂକ ମଧ୍ୟରୁ P.A.,ITDA ଭାବେ ନିଯୁକ୍ତି ଦିଆଯାଇଅଛି ।

- - - - - - - - - - - - - - - - - - - - - - - - -

ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଉପଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପଦନ୍ନୋତି ସୁବିଧା ଥିବାରୁ ସେମାନଂକୁ ତାଂକ କ୍ୟାଡର ଭିତ୍ତିକ ପଦୋନ୍ନତି ଦିଆଯିବ । ତେବେ ଉପଯୁକ୍ତ Senior Officer ଯୋଗ୍ୟ ବିବେଚିତ ହେଲେ P.A.,ITDA ଭାବେ ନିଯୁକ୍ତି ଦିଆଯାଇପାରେ ।

(ଞ) ଆଦିବାସୀ ଉପଯୋଜନା ଅଂଚଳରେ ବିଭିନ୍ନ ବିଭାଗ ଦ୍ୱାରା ଖର୍ଚ୍ଚ କରାଯାଇଥିବା ଅର୍ଥର ସମୀକ୍ଷା କରିବା ପାଇଁ ଆଦିବାସୀ M.L.A. ଓ M.P. ମାନଂକୁ ନେଇ ଏକ ସବ୍ କମିଟି ଗଠନ ଏବଂ ଆଦିବାସୀ ଉପଯୋଜନା ଅଂଚଳରେ କାର୍ଯ୍ୟରତ ସରକାରୀ କର୍ମଚାରୀ ମାନଂକୁ C.A. ଭତ୍ତା ପୁନଃ ପ୍ରଚଳନ ତଥା ରାଜ୍ୟରେ ଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରୂପେ ବିଭାଗୀୟ କର୍ମକର୍ତ୍ତାଂକୁ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା ।

- - - - - - - - - - - - - - - - - - - - - - - - -

ଆଦିବାସୀ ଉପଯୋଜନା ଅଂଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷାପାଇଁ ଜିଲ୍ଲାସ୍ତରରେ ଗଠିତ P.L.C. ରେ ସଂପୃକ୍ତ ଲୋକସଭା ସଦସ୍ୟ ଏବଂ ବିଧାନ ସଭା ସଦସ୍ୟମାନେ ସଭ୍ୟ ଥିବାରୁ ଅନ୍ୟ କୌଣସି ସବ୍ କମିଟି ଗଠନର ଆବଶ୍ୟକତା ନାହିଁ । ଉପରୋକ୍ତ କମିଟି ମିଟିଂ ଯଥାଶୀଘ୍ର ଗଠନ କରାଯିବା ପାଇଁ ଏବଂ ପ୍ରତ୍ୟେକ ତିନି ମାସରେ ଅତି କମ୍ରେ ଥରେ ଏହି

........./—

ସଭା ଡକାଇବା ପାଇଁ ସମସ୍ତ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଦଶମ ଅର୍ଥ କମିଶନ Compensatory Allowance (କ୍ଷତିପୂରକ ଭତ୍ତା) ପ୍ରଦାନ ନିମିତ୍ତ ଆବଶ୍ୟକ ଅନୁଦାନ ବନ୍ଦ କରିଦେଇଥିବାରୁ ଏହାର ପୁନଃ ପ୍ରଚଳନ ସମ୍ଭବ ନୁହଁ । ବିଭାଗୀୟ କର୍ମକର୍ତ୍ତାମାନେ ଉପଯୁକ୍ତ ବିବେଚିତ ହେଲେ ପ୍ରକଳ୍ପ ପ୍ରଶାସକ ରୂପେ ନିଯୁକ୍ତି ପାଇଁ ବିଚାର କରାଯିବ ।

(ଟ) Regulation-2, ୧୯୫୬ ଅନୁଯାୟୀ ଆଦିବାସୀ ଜମିଜମା ବିକ୍ରୀ ସମ୍ବନ୍ଧରେ ତହସିଲଦାରଙ୍କ ଠାରୁ କ୍ଷମତା ଉଚ୍ଛେଦ କରି ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନ୍ୟସ୍ତ କରିବା ଏବଂ ସର୍ବନିମ୍ନ ଆଦିବାସୀ ଜମିର ହାର ୧୦ ଏକର ରଖାଯିବା ଏବଂ ଆଦିବାସୀ ଉପଯୋଜନା ଏବଂ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଆଦିବାସୀ ମାନଂକର ଜମିଜମା ଓ ଘରଡିହ ଗୁଡିକ ସ୍ୱତନ୍ତ୍ର ସର୍ବେକ୍ଷଣ ଓ ପଟ୍ଟା ବଣ୍ଟନ ।

- - - - - - - - - - - - - - - - - - - - - - -

ଆଦିବାସୀ ମାନେ ନିଜର ଜମିଜମା ଅଣ ଆଦିବାସୀ ମାନଂକୁ ବିକ୍ରୀ କରିବା କ୍ଷେତ୍ରରେ ତହସିଲଦାରଙ୍କ ଠାରୁ ନିୟମାନୁଯାୟୀ ଅନୁମତି ପତ୍ର ଆଣିବାରେ ଯେଉଁ ବ୍ୟବସ୍ଥା ବର୍ତ୍ତମାନ ରହିଅଛି ସେଥିରେ ପରିବର୍ତ୍ତନ କରାଯାଇ ପୂର୍ବପରି ଏହି କ୍ଷମତା ଉପଜିଲ୍ଲାପାଳ ମାନଂକ ଉପରେ ନ୍ୟସ୍ତ କରାଯିବାକୁ ସ୍ଥିର କରାଗଲା । ଚାଷ ଜମି ଉପରେ ଘରକରି ରହିଥିବା ଘରଡିହ ବିହୀନ ଆଦିବାସୀ ପରିବାରଙ୍କୁ ଘରଡିହ ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

(ଠ) ଉପଯୋଜନା ଅଂଚଳରେ ଯେଉଁ LAMP ସବୁ କାର୍ଯ୍ୟ କରୁଛି ଆଦିବାସୀ ମାନଙ୍କର ନିତିଦିନ ଦରକାରୀ ବସ୍ତୁ ଯଥା ଲୁଣ, କମ ଦରରେ ଲୁଗା ନିକଟସ୍ଥ ସାପ୍ତାହିକ ହାଟକୁ ନେଇ ବିକ୍ରୀ କରିବା ବ୍ୟବସ୍ଥା ।

- - - - - - - - - - - - - - - - - - - - - - -

LAMP ଗୁଡିକର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ତାଙ୍କଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ କରାଇବା ସମ୍ଭବ ନୁହଁ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ ।

(ଡ) ରାଉତିଆ, ରୋଉତିଆ ମାନଂକୁ ଆଦିବାସୀ ତାଲିକାରେ ଅନ୍ତର୍ଭୁକ୍ତ କରିବା, କଳାହାଣ୍ଡି ଜିଲ୍ଲାର 'ଭତରା' ସଂପ୍ରଦାୟ ଅବିଭକ୍ତ କୋରାପୁଟ ଜିଲ୍ଲାର 'ଧୁରିଆ' 'ତଡିଆ' ପରଜା ସଂପ୍ରଦାୟର ଲୋକଙ୍କୁ ଅନୁସୂଚୀତ ଜାତି ତାଲିକା ଓ ତାମୁଡିଆ ପୁରାଣ ଓ ଭଂଜପୁରାଣ ଜାତିକୁ ଅନୁସୂଚୀତ ଜନଜାତି ତାଲିକାଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉ ।

- - - - - - - - - - - - - - - - - - - - - - -

ଭଂଜ ପୁରାଣ ଓ ତାମୁଡିଆ ପୁରାଣ ପଛୁଆ ଜାତି ତାଲିକାଭୁକ୍ତ ହେବେ । ପୂର୍ବରୁ ଯେଉଁ ଜାତିମାନେ ତଫସିଲଭୁକ୍ତ ଉପଜାତି ତାଲିକାଭୁକ୍ତ ଥିଲେ ମାତ୍ର ବର୍ତ୍ତମାନ ବାଦ୍‌ପଡି ଯାଇଛନ୍ତି ସେମାନଙ୍କ ପୁନର୍ବାର ତାଲିକାଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯିବ । ଯେଉଁସବୁ ଜାତିମାନଂକୁ ତଫସିଲଭୁକ୍ତ ଉପଜାତି ତାଲିକାରେ ସ୍ଥାନ ଦେବାପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରାଯାଇଛି ଅନୁମୋଦନ ମିଳିବା ପରେ ତାହା କାର୍ଯ୍ୟକାରୀ କରାଯିବ ।

(ଢ) ଲଘୁବନଜ ଦ୍ରବ୍ୟ ଆଇନ୍ ( Minor Forest Product Act ) ଉଚ୍ଛେଦ କରି ଆଦିବାସୀ ମାନଙ୍କର ଆର୍ଥିକ ଉନ୍ନତି କରିବା ।

- - - - - - - - - - - - - - - - - - - - - - -

ଆଦିବାସୀ ଉନ୍ନୟନ ସମବାୟ ନିଗମକୁ ରୟାଲଟି (ରାଜଭାଗ) ଛାଡ କରାଯିବା ବିଚାର କରାଯାଇ ନିଷ୍ପତ୍ତି ନିଆଯିବ । ନିଗମ ଅନ୍ୟମାନଂକ ସହିତ ଲଘୁବନଜାତ ପଦାର୍ଥ ଇତ୍ୟାଦି କ୍ରୟ ବିକ୍ରୟ କ୍ଷେତ୍ରରେ ପ୍ରତିଯୋଗିତା କରିବ । କାହାରିକୁ ଏକଚାଟିଆ ବ୍ୟବସାୟ

......./–

(Monopoly) ପାଇଁ ସୁଯୋଗ ନଦେବାକୁ ଏବଂ ଆଦିବାସୀ ମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ ଦେବା ଦିଗରେ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଲେ ।

(ଣ) ଆଦିବାସୀ ଉପଯୋଜନା ଅଂଚଳରେ ମଦ ବିକ୍ରି ବନ୍ଦ କରିବା ।

ପ୍ରଚଳିତ ନିୟମାନୁଯାୟୀ ପର୍ବ ପର୍ବାଣୀ ଓ ଉତ୍ସବ ସମୟରେ ଆଦିବାସୀ ମାନେ ଜଣ ପିଛା 1.5 ଲିଟର ଓ ପରିବାର ପିଛା 5 ଲିଟର ମଦ ରାନ୍ଧି ରଖିବାର ବ୍ୟବସ୍ଥା ଅଛି । ଏହାର ସୁଯୋଗ ନେଇ ଆଦିବାସୀ ମାନଙ୍କୁ ଶୋଷଣ କରାଯାଉଥିବାର ଅଭିଯୋଗ ବୈଠକରେ ବିଷଦଭାବେ ଆଲୋଚନା କରାଯାଇଥିଲା । ଆଦିବାସୀ ମାନଙ୍କୁ ମଦ୍ୟ ପାନରୁ ସଂପୂର୍ଣ୍ଣ ଭାବେ ବିରତ କରିବା ପାଇଁ ଆଦିବାସୀ ଉପଯୋଜନା ଅଂଚଳରେ ମଦ ପ୍ରସ୍ତୁତି ଉପରେ କଟକଣା ଜାରି କରି ତାହାକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଗଲା । ପୂର୍ବ ବୈଠକର ନିଷ୍ପତ୍ତି ଭଳି ଏକ ଷ୍ଟାଣ୍ଡାର୍ଡ ଏକରରୁ କମ୍ ମାଲିକାନା ଥିବା ଆଦିବାସୀ ଓ ହରିଜନ ଚାଷୀ ମାନଙ୍କର ଜମି ହସ୍ତାନ୍ତର ନିଷେଧ କିଇବା ପାଇଁ ନିଷ୍ପତ୍ତି ନିଆଗଲା ।

(ତ) କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଧୁରୁଆ ନାମକ ଗୋଟିଏ ଜାତିକୁ ଆଦିବାସୀ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏବଂ ଆଦିବାସୀ ଅଂଚଳରେ ବିକାଶ ନିମନ୍ତେ କୋଲାବ ନଦୀ ଉପରେ ଖଟଲା ପଦର ଡଂଗାଘାଟ ଠାରେ ଗୋଟିଏ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ।

ଧୁରୁଆ ଜାତିକୁ ତପସିଲଭୁକ୍ତ ଉପଜାତି ତାଲିକା ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରାଯାଇଛି । ଅନୁମୋଦନ ମିଳିବା ପରେ କାର୍ଯ୍ୟକାରୀ କରାଯିବ ।

ତିରିକ୍ତ କାର୍ଯ୍ୟସୂଚୀ

ଡଂଗରିଆ କନ୍ଧ ଉନ୍ନୟନ ସଂସ୍ଥା (ଅଣୁଯୋଜନା)ର ଦ୍ୱିଭାଗ କରଣ ।

ଡଂଗରିଆ କନ୍ଧ ଉନ୍ନୟନ ସଂସ୍ଥା (ଅଣୁ ଯୋଜନା)ର ଦ୍ୱିଭାଗ କରଣ ବିଷୟ ପରୀକ୍ଷା ନିରୀକ୍ଷା କରି ଯଥାର୍ଥତା ଉପସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଅନୁସୂଚୀତ ଜନଜାତି ତାଲିକାରେ ନିମ୍ନଲିଖିତ ଉପ ଜନଜାତି ସଂପ୍ରଦାୟଙ୍କୁ ଅନ୍ତର୍ଭୁକ୍ତ କରିବା ।

| | | |
|---|---|---|
| 1. କନ୍ଧ ଲୋହରା | – | କନ୍ଧ |
| 2. କୁଟିଆ କନ୍ଧ | – | କନ୍ଧ |
| 3. ଡଂଗରିଆ କନ୍ଧ | – | କନ୍ଧ |
| 4. ମାନିଡୋରା | – | କନ୍ଧ |
| 5. ଆନେଟି ଡୋରା | – | କନ୍ଧ |

କନ୍ଧ ଅନୁସଚୀତ ଉପଜାତି ତାଲିକାଭୁକ୍ତ ହୋଇଥିବା ଦୃଷ୍ଟିରୁ ଏହାର ଉପଜନଜାତି ଯଥା କନ୍ଧ ଲୋହରା, କୁଟିଆ କନ୍ଧ, ଡଂଗରିଆ କନ୍ଧ, ମାନି ଡୋରା ଏବଂ ଆନେଟି ଡୋରା ଇତ୍ୟାଦିଙ୍କୁ ଅନୁସୂଚିତ ଉପଜାତି ତାଲିକାଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ ନକରି ଏଠାରେ ତାଲିକାଭୁକ୍ତ କରାଯିବା ନିମିତ୍ତ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

..../-

3. **ଆଦିବାସୀ ଶବ୍ଦର ପରିବର୍ତ୍ତନ କରି ତଫସିଲଭୁକ୍ତ ଜନଜାତି କରିବାକୁ ପ୍ରସ୍ତାବ ।**

" ତଫସିଲଭୁକ୍ତ ଉପଜାତି " ପରିବର୍ତ୍ତେ " ତଫସିଲଭୁକ୍ତ ଜନଜାତି " ଶବ୍ଦ ବ୍ୟବହାର କରାଯିବା ପାଇଁ ନିଷ୍ପତ୍ତି ନିଆଗଲା ।

4. **ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ମାନଙ୍କରେ ସ୍ଥାନ ସଂଖ୍ୟା ବୃଦ୍ଧି କରିବା ।**

କଲ୍ୟାଣ ବିଭାଗ ଅଧିନସ୍ଥ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ମାନଂକରେ ସ୍ଥାନ ସଂଖ୍ୟା (Accommodation) ବୃଦ୍ଧି ଆର୍ଥିକ ସ୍ୱଚ୍ଛଳତାକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ କରାଯିବା ପାଇଁ ନିଷ୍ପତ୍ତି ହେଲା ।

5. ଅନୁସୂଚୀତ ଜନଜାତି କଲ୍ୟାଣ ନିମନ୍ତେ ବୈଷୟିକ ଓ ଅଣ ବୈଷୟୀକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ।

1. ଆବାସିକ ପ୍ରାଥମିକ ବିଦ୍ୟାଳୟ ପ୍ରତି ଆଦିବାସୀ ଗ୍ରାମ ପଂଚାୟତରେ 2 ଟି ବାଳକ ମାନଂକ ପାଇଁ ଏବଂ 2 ଟି ବାଳିକା ମାନଂକ ପାଇଁ ପ୍ରତିଷ୍ଠା କରିବା ।
2. ଗୋଟିଏ ଆବାସିକ ଉଚ୍ଚ ବିଦ୍ୟାଳୟ କିମ୍ବା କନ୍ୟାଶ୍ରମ ପ୍ରତି ଆଦିବାସୀ ଗ୍ରାମ ପଂଚାୟତରେ ପ୍ରତିଷ୍ଠା କରିବା ।
3. ପ୍ରତି ଆଦିବାସୀ ବ୍ଲକ ସଦର ମହକୁମାରେ ଗୋଟିଏ ଆବାସିକ କଲେଜ (+ 2 ଓ + 3) ପ୍ରତିଷ୍ଠା କରିବା ।
4. ଗୋଟିଏ ଆଦିବାସୀ ବିଶ୍ୱ ବିଦ୍ୟାଳୟ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରତିଷ୍ଠା କରିବା ।
5. ଗୋଟିଏ ଇଂଜିନିୟରିଂ କଲେଜ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରତିଷ୍ଠା କରିବା ।
6. **ଗୋଟିଏ ମେଡିକାଲ କଲେଜ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରତିଷ୍ଠା କରିବା ।**

ଆର୍ଥିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବିଚାର କରାଯିବ ।

6. **ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ପ୍ରାର୍ଥୀମାନଂକ କ୍ଷେତ୍ରରେ 54 % ନମ୍ବର ପରିବର୍ତ୍ତେ 48 % ନମ୍ବର ରଖିଥିବା ପ୍ରାର୍ଥୀଂକୁ ବିଚାରକୁ ନେବା ଓ ତତ୍ ସମ୍ବନ୍ଧୀୟ ନିୟମର ପରିବର୍ତ୍ତନ କରିବା ।**

ଅଧ୍ୟାପକ ପଦବୀ ନିମନ୍ତେ ବିଶ୍ୱବିଦ୍ୟାଳୟ ମଂଜୁରୀ କମିଶନ ସର୍ବନିମ୍ନ 55 % ନମ୍ବର ଧାର୍ଯ୍ୟ କରିଥିବା ଦୃଷ୍ଟିରୁ ଏହା କୋହଳ କରାଯିବା ସମ୍ଭବ ନୁହଁ ।

7. **ଅନୁସୂଚୀତ କ୍ଷେତ୍ରରେ ପଂଚାୟତରାଜ ନିର୍ବାଚନ ।**

ଏ ସଂପର୍କରେ ସାମ୍ବିଧାନିକ ବ୍ୟବସ୍ଥାର ନଜିର ଦେଇ ମାନ୍ୟବର ସାଂସଦ ଶ୍ରୀ ଖଗପତି ପ୍ରଧାନୀ ଆଲୋଚନା କରିଥିଲେ । ଏହାର ପୁଂଖାନୁପୁଂଖ ବିଶ୍ଳେଷଣ କରି ଆବଶ୍ୟକୀୟ ସ୍ପଷ୍ଟିକରଣ ଦେବାପାଇଁ ଆଇନ୍ ସଚିବଂକୁ ଦାୟିତ୍ୱ ନ୍ୟସ୍ତ କରାଗଲା ।

**ଉପସ୍ଥିତ ସମସ୍ତ ସଦସ୍ୟାଙ୍କୁ ଧନ୍ୟବାଦ ସହ ବୈଠକ ସଂଗ କରାଯାଇଥିଲା ।**